بسم اللہ الرحمٰن الرحیم

ଖୁତବା ଜୁମା ୩୦ ନଭେମ୍ବର ୨୦୧୮ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

# *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦର ସାହାବା ର.ଅଙ୍କ ବିଶ୍ୱାସ ବର୍ଦ୍ଧକ, ହୃଦୟଦ୍ରାବୀ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

# *ଇଣ୍ଡୋନେସିଆର ଜଣେ ଉତ୍ସର୍ଗୀକୃତ ପ୍ରଚ୍ଚାରକ, ଅନୁଭବୀ ତଥା ପୂର୍ବତନ ସେବକ ସ୍ୱର୍ଗତ ସୁୟୁତ ଅଜ଼ିଜ୍ ସାହେବଙ୍କ ଜୀବନୀର ଚର୍ଚ୍ଚା*

ତଶହୁଦ୍ ଏବଂ ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ମୁଁ ଯେଉଁ ସାହାବେ ର.ଅଙ୍କ ଚର୍ଚ୍ଚା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ସାହାବି ହେଉଛନ୍ତି ହଜ଼ରତ୍ ସାବିତ୍ ବିନ୍ ଖାଲିଦ୍ ଅନସାରୀ ର.ଅ । ସେ ବଦର୍ ଯୁଦ୍ଧ ଏବଂ ଓହୋଦ୍ ଯୁଦ୍ଧ ଏବଂ ୟମାମା ଯୁଦ୍ଧରେ ମଧ୍ୟ ଶାମିଲ୍ ହୋଇଥିଲେ ଏବଂ ସେହି ଯୁଦ୍ଧରେ ହିଁ ସେ ପ୍ରାଣ ହରାଇ  ବୀରଗତି ପ୍ରାପ୍ତ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଉରଫତା । ସେ ଜାଫର୍ ବିନ୍ ଅବି ତାଲିବଙ୍କ ସହିତ ହବଶା ପ୍ରବାସରେ ଶାମିଲ୍ ହୋଇଥିଲେ ଏବଂ ବଦର୍ ଯୁଦ୍ଧରେ ମଧ୍ୟ ସେ ଶାମିଲ୍ ହୋଇଥିଲେ । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅବ୍ଦୁଲ୍ଲାଃ । ବୈଅତେ ଅକ଼ବା ଏବଂ ବଦର୍ ଯୁଦ୍ଧେରେ ସେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ କ୍ୱୈସ୍ ବିନ୍ ଅବି ସାଆସା ଅନସାରୀ ର.ଅ । ସେ ୭୦ ଜଣ ଅନସାରଙ୍କ ମଧ୍ୟରେ ବୈଅତେ ଅକ଼ବାରେ ଶାମିଲ୍ ହୋଇଥିଲେ । ତାଙ୍କୁ ବଦର୍ ଯୁଦ୍ଧ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ବଦର୍ ଯୁଦ୍ଧ ନିମନ୍ତେ ପ୍ରସ୍ଥାନ ହେବା ସମୟରେ ନବୀ କରିମ୍ ସ.ଅ ନିଜର ସୈନ୍ୟ ସାମନ୍ତଙ୍କ ସହିତ ମଦିନାରୁ ବାହାରେ ବୁୟୁତୁସ୍ସୁକ୍ୱିୟା ନାମକ ନିକଟବର୍ତ୍ତୀ ସ୍ଥାନରେ କିଛି ସମୟ ଅତିବାହିତ କଲେ ଏବଂ ଯେଉଁ ପିଲାମାନେ କମ୍ ବୟସ୍କ ଥିଲେ । ସେହି ପିଲାମାନେ ପଥଚାରୀର ଅଭିରୂଚି ରଖି ଆଁହଜ଼ରତ୍ ସ.ଅଙ୍କ ସହିତ ଚାଲିଆସିଥିଲେ । ସେହି ସମସ୍ତ ପିଲାମାନଙ୍କୁ ଫେରସ୍ତ (ଅର୍ଥାତ୍ ପ୍ରତ୍ୟାବର୍ତ୍ତନ) କରିଦିଆଗଲା । ଯେତେବେଳେ ହଜ଼ରତ୍ ସୁକ୍ୱୟା ର.ଅ ନିଜ ମାତୃଭୂମିକୁ ଫେରୁଥିଲେ ସେତେବେଳେ ଆଁହଜ଼ରତ୍ ସ.ଅ ହଜ଼ରତ୍ ଅବି କ୍ୱୈସ୍ ବିନ୍ ସାଆସାଙ୍କୁ ହଜ଼ରତ୍ ସୁକ୍ୱୟାଙ୍କୁ ମୁସଲମାନମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଦେଶ ଦେଇଥିଲେ । ସୁତରାଂ ଯେତେବେଳେ ହଜ଼ରତ୍ କ୍ୱୈସ୍ ର.ଅ ଗଣନା କରି ଆଁହଜ଼ରତ୍ ସ.ଅଙ୍କୁ ସୂଚିତ କଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ବଦରି ସାହାବାମାନଙ୍କର ମୋଟ୍ ସଂଖ୍ୟା ୩୧୩ ଅଟେ । ସେତେବେଳେ ହୁଜୁର୍ ସ.ଅ ଏହି ସୂଚନା ଶୁଣି ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ ତାଲୁତଙ୍କ ସାଥୀମାନଙ୍କର ସଂଖ୍ୟା ମଧ୍ୟ ଏତିକି ସଂଖ୍ୟକ ଥିଲା।

ସେହିପରି ବଦର୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ.ଅ **ସାକ୍ୱାର** ନେତୃତ୍ୱ ହଜ଼ରତ୍ କ୍ୱୈସ୍ ର.ଅଙ୍କୁ ହସ୍ତାନ୍ତର କରିଥିଲେ । **'ସାକ୍ୱା'** ସୈନ୍ୟସାମନ୍ତର ଏକ କ୍ଷୁଦ୍ର ଦଳକୁ ବୁଝାଏ ଯାହାକି ଆଗରେ ଚାଲୁଥିବା ସୈନ୍ୟମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ସୈନ୍ୟମାନଙ୍କର ପଛେପଛେ ଆସିଥାଏ । ଏକଦା ସେ ଆଁହଜ଼ରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ଯେ, ହେ ରସୁଲୁଲ୍ଲାଃ ! ମୁଁ କେତେ ଦିନରେ କୁରାନେ କରିମର ଗୋଟିଏ ଦୌର୍ (ଥର) ଶେଷ କରିପାରିବି । ହୁଜୁର୍ ସ.ଅ ଉତ୍ତର ଦେଲେ ଯେ, ୧୫ ଦିନରେ ଗୋଟିଏ ଦୌର୍ । ହଜ଼ରତ୍ କ୍ୱୈସ୍ ର.ଅ କହିଲେ ଯେ, ମୁଁ ନିଜ ମଧ୍ୟରେ ଏହାଠୁ ବେଶୀ ସାମର୍ଥ୍ୟର ଅଧିକାରୀ। ଅର୍ଥାତ୍ ପନ୍ଦର ଦିନ ପୂର୍ବରୁ ମଧ୍ୟ କୁରାନେ କରିମ୍ ଶେଷ କରିବାର ମୋର ଯୋଗ୍ୟତା ଅଛି । ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ କହିଲେ ଯେ, ଗୋଟିଏ ଜୁମା ଠାରୁ ଆସନ୍ତା ଜୁମାର ଅବଧିରେ ତୁମେ କୁରାନେ କରିମ୍ ଶେଷ କରିପାର । ହଜ଼ରତ୍ କ୍ୱୈସ୍ ର.ଅ କହିଲେ ଗୋଟିଏ ସପ୍ତାହ ପୂର୍ବରୁ ମଧ୍ୟ କୁରାନେ କରିମ୍ ଶେଷ କରିବାରେ ସାମର୍ଥ୍ୟ ତଥା ଯୋଗ୍ୟତା ମୋ ପାଖରେ ରହିଛି

। ପୁନଶ୍ଚ ସେ ଦୀର୍ଘ ଅବଧି ଧରି ସେହିପରି କୁରାନେ କରିମର ତିଲାୱତ୍ କରୁଥିଲେ । ଏପରିକି ଯେତେବେଳେ ସେ ବାର୍ଦ୍ଧକ୍ୟାବସ୍ଥାରେ ପହଞ୍ଚିଲେ ଏବଂ ନିଜର ଚକ୍ଷୁ ଉପରେ ପଟି ବାନ୍ଧି ଦେଲେ ଏବଂ ମାତ୍ର ୧୫ ଦିନ ଅବଧି ମଧ୍ୟରେ କୁରାନେ କରିମର ଗୋଟିଏ ଦୌର୍ ଶେଷ କରିବାକୁ ଆରମ୍ଭ କରିଦେଲେ । ସେତେବେଳେ ହଜ଼ରତ୍ କ୍ୱୈସ୍ ର.ଅ ଅନୁଶୋଚନ କରି କହିଲେ ଯେ, ମୁଁ ଆଁହଜ଼ରତ୍ ସ.ଅଙ୍କ ଦ୍ୱାରା ପ୍ରଦତ୍ତ ଆଦେଶକୁ ମାନି ନେଇ ଥାଆନ୍ତି କି (ଖୁବ୍ ଭଲ ହୋଇଥାଆନ୍ତା) ।

ପୁନଶ୍ଚ ହଜ଼ରତ୍ ଉବୈଦାହ୍ ବିନ୍ ହାରିସ୍ ର.ଅ ବୋଲି ଜଣେ ସାହାବି ଥିଲେ । ସେ ଆଁହଜ଼ରତ୍ ସ.ଅଙ୍କର ସଂପର୍କୀୟ ବନ୍ଧୁ ଥିଲେ । ସେ ସର୍ବପ୍ରଥମ ଇମାନ୍ ଆଣିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଆଁହଜ଼ରତ୍ ସ.ଅଙ୍କ ଦାରେ ଅରକ୍ଵମ୍ ଠାରେ ପ୍ରବେଶ କରିବା ପୂର୍ବରୁ ସେ ଇମାନର ଆଭୂଷଣରେ ବିମଣ୍ଡିତ ହୋଇସାରିଥିଲେ । ଆଁହଜ଼ରତ୍ ସ.ଅଙ୍କ ନିକଟରେ ହଜ଼ରତ୍ ଉବୈଦାହ୍ ର.ଅ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ପଦମର୍ଯ୍ୟାଦାର ଅଧିକାରୀ ଥିଲେ । ସେ ବନୁ ଅବ୍ଦେ ମୁନାଫଙ୍କ ଅଧକ୍ଷ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଅଟନ୍ତି । ହଜ଼ରତ୍ ଉବୈଦାହ୍ ନିଜର ଦୁଇ ଭାଇ ହଜ଼ରତ୍ ତୁଫୈଲ୍ ବିନ୍ ହାରିସ୍ ଏବଂ ହଜ଼ରତ୍ ହୁସୈନ୍ ବିନ୍ ହାରିସଙ୍କ ସହିତ ମଦିନା ଅଭିମୁଖେ ପ୍ରବାସ କରିଥିଲେ । ଆଁହଜ଼ରତ୍ ସ.ଅ ଉବୈଦାହ୍ ବିନ ହାରିସ୍ ଏବଂ ଉମୈର୍ ବିନ୍ ଅଲ୍-ହମାମଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ରକ୍ଷା କରିଥିଲେ । ଏ ଦୁହେଁ ବଦର୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ।

ହିଜରତର ୮ ମାସ ପରେ ଆଁହଜ଼ରତ୍ ସ.ଅ ହଜ଼ରତ୍ ଉବୈଦାହ୍ ବିନ୍ ହାରିସଙ୍କୁ ୬୦ କିମ୍ବା ୮୦ ଜଣ ଅଶ୍ୱାରୋହୀଙ୍କ ସହିତ ପ୍ରସ୍ଥାନ କରାଇଥିଲେ । ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଉବୈଦାହ୍ ବିନ୍ ହାରିସ୍ ର.ଙ୍କ ନିମନ୍ତେ ଧବଳ ବର୍ଣ୍ଣର ଧ୍ୱଜା ବାନ୍ଧି ଥିଲେ । ଯାହାକୁ ହଜ଼ରତ୍ ମୁସତ୍ତେହ୍ ବିନ୍ ଅସାସାହ୍ ଧରିଥିଲେ । ଏହି ସୈନ୍ୟ ଦଳର ଏହା ଆଭିମୁଖ୍ୟ ଥିଲା ଯେ, କୁରେଶର ବ୍ୟବସାୟିକ ଯାତ୍ରୀସମୂହଙ୍କୁ ବାଟରେ ଅଟକାଇବା ବା ଅବରୋଧ କରିବା । କୁରୈଶର ଯାତ୍ରୀସମୂହମାନଙ୍କର ମୁଖ୍ୟ ଅବୁ ସୁଫିୟାନ ଥିଲା । ସେହି ଯାତ୍ରୀସମୂହରେ ପ୍ରାୟ ୨୦୦ ଲୋକମାନେ ରହିଥିଲେ । ସାହାବାମାନଙ୍କର ଏହି ସୈନ୍ୟଦଳ **ରାବେକ୍** ନାମକ ସ୍ଥାନରେ ସେହି ଯାତ୍ରୀସମୂହର ମୁହାଁମୁହିଁ ହୋଇଥିଲେ । ଉଭୟ ସୈନ୍ୟ ପକ୍ଷଙ୍କ ମଧ୍ୟରେ ତୀର ଚାଳନା ହୋଇଥିଲା କିମ୍ବା ସେ ହଜ଼ରତ୍ ଅବି ୱକ୍କାସ୍ ଥିଲେ । ଏହା ସେହି ତୀର ଯାହାକି ଇସଲାମ୍ ଆଡ଼କୁ ଏବଂ ଇସଲାମ୍ ବିରୁଦ୍ଧରେ ଚାଳିତ ହୋଇଥିଲା । ହଜ଼ରତ୍ ଉବୈଦାହ୍ ବିନ୍ ହାରିସ୍ ର.ଙ୍କ ନିତୃତ୍ୱରେ ଏବଂ ତତ୍ତ୍ୱାବଧାନରେ ଏହା ଇସଲାମର ଦ୍ୱିତୀୟ ସରିୟାହ୍ (ଯେଉଁ ଯୁଦ୍ଧରେ ଆଁହଜ଼ରତ୍ ସ.ଅ ସ୍ୱୟଂ ସମ୍ମିଳିତ ନଥିଲେ ସେହି ଯୁଦ୍ଧକୁ ସରିୟାହ୍ କୁହାଯାଏ) ଥିଲା ।

ହଜ଼ରତ୍ କ୍ୱୈସ୍ ର.ଅ ବଦର୍ ଯୁଦ୍ଧ ଅବସରରେ ମୁସଲମାନମାନଙ୍କ ପକ୍ଷରୁ ୱଲିଦ୍ ବିନ୍ ଉତବାଙ୍କ ବିରୁଦ୍ଧରେ ଯୁଦ୍ଧ ଲଢିଥିଲେ । ଆହଦିସରେ ଏହା ମଧ୍ୟ ଉଲ୍ଲିଖିତ ଥିବାର ଜଣାଯାଏ ଯେ, ଏହି ଘଟଣା ସଂପର୍କରେ କୁରାନେ କରିମର ଏକ ଆୟତ ମଧ୍ୟ ଅବତୀର୍ଣ୍ଣ ହୋଇଅଛି । ସୁତରାଂ ହଜ଼ରତ୍ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆୟତ୍ **ହାଜ଼ାନ ଖସ୍ମାନ ଇଖତସମୁ ଫି ରବ୍ବିହମ୍** । ଏହି ଆୟତଟି ସେହି ସାହାବାମାନଙ୍କ ନିମନ୍ତେ ଅବତୀର୍ଣ୍ଣ ହୋଇଥିଲା ଯେଉଁମାନେ କି ବଦର୍ ଯୁଦ୍ଧ ଦିନ ଯୁଦ୍ଧ ଲଢିଥିଲେ । ଅର୍ଥାତ୍ ହଜ଼ରତ୍ ହମଜ଼ାହ୍ ବିନ୍ ଅବଦୁଲ୍ ମୁତଲିବ୍, ହଜ଼ରତ୍ ଅଲୀ ବିନ୍ ତାଲିବ୍ ଏବଂ ହଜ଼ରତ୍ ଉବୈଦାହ୍ ବିନ୍ ହାରିସ୍, ଅତବା ବିନ୍ ରବିୟାହ୍ ଏବଂ ୱଲିଦ୍ ବିନ୍ ଉତବା ।

ସେ ଯାହାହେଉ ନା କାହିଁକି ଏହି ଯୁଦ୍ଧ ସଂକ୍ରାନ୍ତୀୟ ବିବରଣୀ ସୁନନ୍ ଅବୁ ଦାଉଦରେ ମଧ୍ୟ ଏହିପରି ବର୍ଣ୍ଣିତ ହୋଇଅଛି । ହଜ଼ରତ୍ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ଅତବା ବିନ୍ ରବିୟାହ୍ ଓ ତା ପଛରେ ତା' ପୁଅ ଏବଂ ତା'ର ଭାଇ ମଧ୍ୟ ବାହାରି ପଡ଼ିଲେ ଏବଂ ଡ଼ାକି କହିଲେ ଯେ, କିଏ ଆମ ସହିତ ଲଢିବାକୁ ବା ଯୁଦ୍ଧ କରିବାକୁ ଇଚ୍ଛୁକ ? ସୁତରାଂ ଅନସାରର ଅନେକ ଯୁବକମାନେ ଏହାର ଉତ୍ତର ଦେଲେ ଯେ, ଆମେ ଲଢିବୁ । ଉତବା ପଚାରିଲେ ତୁମେ କିଏ ? ସେମାନେ ଉତ୍ତର ଦେଲେ ଯେ, ଆମେମାନେ ଅନସାର୍ ଅଟୁ । ଉତବା କହିଲେ ଯେ, ଆମର ତୁମ ସହିତ କୌଣସି ଶତ୍ରୁତା ନାହିଁ । ଆମେ ତ କେବଳ ନିଜର ଦାଦାଙ୍କର ପୁତ୍ରଙ୍କ ସହିତ ଯୁଦ୍ଧ କରିବାର ଆଗ୍ରହ ରଖୁଛୁ (ଇଚ୍ଛୁକ) । ପ୍ରତ୍ୟୁତ୍ତରରେ ଆଁହଜ଼ରତ୍ ସ.ଅ କହିଲେ, ହେ ହମଜ଼ା ଉଠ ! ହେ ଅଲୀ ଛିଡ଼ା ହୋଇଯାଅ ! ହେ ଉବୈଦାହ୍ ବିନ୍ ହାରିସ୍ ଆଗେଇ ଚାଲ ! ହଜ଼ରତ୍ ଅଲୀ ର.ଅ ଉଲ୍ଲେଖ କରନ୍ତି ଯେ,

ଆଁହଜ଼ରତ୍ ସ.ଅଙ୍କର ଶବ୍ଦ ଶୁଣିବା ମାତ୍ରେ ହଜ଼ରତ୍ ହମଜ଼ାହ୍ ଉତବା ଆଡ଼କୁ ଅଗ୍ରସର ହେଲେ ଏବଂ ମୁଁ ଶୈବା ଆଡ଼କୁ ଅଗ୍ରସର ହେଲି ଏବଂ ଉବୈଦାହ୍ ବିନ୍ ହାରିସ୍ ର.ଅ ଓ ୱଲିଦ୍ ମଧ୍ୟରେ ଯୁଦ୍ଧ ହେଲା ଏବଂ ଏହି ଦୁହେଁ ପରସ୍ପରକୁ କ୍ଷତାକ୍ତ କରିଦେଲେ । ପୁନଶ୍ଚ ଆମେମାନେ ୱଲିଦ୍ ଆଡ଼କୁ ଅଗ୍ରସର ହେଲୁ ଏବଂ ତାହାକୁ ବଧ କରିଦେଲୁ ଏବଂ ଉବୈଦାହ୍ ର.ଅଙ୍କୁ ଆମେମାନେ ଯୁଦ୍ଧ କ୍ଷେତ୍ରରୁ ଉଠାଇ ଆଣିଲୁ । ବଦର୍ ନିକଟସ୍ଥ **'ସଫରା'** ନାମକ ଏକ ସ୍ଥାନରେ ତାଙ୍କର ଦେହାନ୍ତ ହେଲା ଏବଂ ସେହିଠାରେ ହିଁ ତାଙ୍କୁ କବର ଦିଆଯାଇଥିଲା । ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ହଜ଼ରତ୍ ଉବୈଦାହ୍ ର.ଅଙ୍କର ଗୋଇଠି କଟି ଯାଇଥିଲା । ସେହି କଟା ଗୋଇଠିରୁ ଗୁଦା ଗୁଦା ହୋଇ ଅର୍ଥାତ୍ ଅସ୍ଥି ମଧ୍ୟରୁ ଅସ୍ଥିମଜ୍ଜା, ରକ୍ତ ନିର୍ଗତ ହେବାକୁ ଲାଗିଲା । ସେତେବେଳେ ସାହାବାମାନେ ହଜ଼ରତ୍ ଉବୈଦାହ୍ ର.ଅଙ୍କୁ ଆଁହଜ଼ରତ୍ ସ.ଅଙ୍କ ନିକଟକୁ ନେଇ ଆସିଲେ । ଉବୈଦାହ୍ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! କ'ଣ ମୁଁ ଶହୀଦ୍ ନୁହେଁ ବା ବୀରଗତି ପ୍ରାପ୍ତ କରିନାହିଁ ? ରସୁଲୁଲ୍ଲାଃ ସ.ଅ ଉତ୍ତର ଦେଲେ ହଁ ତୁମେ ଶହୀଦ୍ ଅଟ । ଆଉ ଏକ ରିୱାୟତ୍ ଅନୁଯାୟୀ ଯେତେବେଳେ ହଜ଼ରତ୍ ଉବୈଦାହ୍ ବିନ ହାରିସ୍ ର.ଅଙ୍କୁ ଆଁହଜ଼ରତ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ନିଜର ଜଂଘ ଉପରେ ଉବୈଦାହ୍ ର.ଅଙ୍କର ମସ୍ତକ ରଖିଲେ । ପୁନଶ୍ଚ ହଜ଼ରତ୍ ଉବୈଦାହ୍ ର.ଅ କହିଲେ ଏପରି ହୁଅନ୍ତା କି ଯଦି ଆଜି ଅବୁ ତାଲିବ୍ ଜୀବିତ ଥାଆନ୍ତେ ତାହାହେଲେ ସେ ଜାଣି ନେଇଥାନ୍ତେ ଯେ, ଯାହାକୁ ସେ ସର୍ବଦା କହୁଥିଲେ । ତାଙ୍କ ଅପେକ୍ଷା ମୁଁ ଏହି ଶାହାଦତ୍ ପାଇଁ ଅଧିକ ଯୋଗ୍ୟ ଅଟେ । ସେ ଏହା କହୁଥିଲେ ; -

**"ନୁସଲ୍ଲମୁହୁ ହତ୍ତା ନୁସର୍ରିଉ ହଉଲହୁ**
**ୱ ନଜ଼ହଲୁ ଅନ୍ ଅବନା ଇନା ୱଲ୍ ହଲାଇଲୁ ।"**

ଯେ, ଏହା ମିଥ୍ୟା ଯେ, ଆମେମାନେ ମହମ୍ମଦ୍ ସ.ଅଙ୍କୁ ତୁମକୁ ହସ୍ତାନ୍ତର କରିଦେବୁ ଏବଂ ତାହା ସେତେବେଳେ ହିଁ ସମ୍ଭବପର ହୋଇପାରିବ ଯେତେବେଳେ ଶତ୍ରୁମାନେ ଆମମାନଙ୍କୁ ଆଁହଜ଼ରତ୍ ସ.ଅଙ୍କ ଚତୁର୍ପାର୍ଶ୍ୱରୁ ପରାଜିତ କରି ହଟାଇ ନ ଦିଅନ୍ତି ଏବଂ ଆମେମାନେ ନିଜର ସ୍ତ୍ରୀ ଓ ସନ୍ତାନସନ୍ତତି ଠାରୁ ବେଖାତିର ବା ଅମନଯୋଗୀ ହୋଇ ନଯାଉ । ତେଣୁ ସେହି ସାହାବାମାନଙ୍କର ଏହିଭଳି ଭାବ ଥିଲା । ବୀରଗତି ପ୍ରାପ୍ତ ସମୟରେ ହଜ଼ରତ୍ ଉବୈଦାହ୍ ର.ଅଙ୍କୁ ୬୩ ବର୍ଷ ବୟସ ହୋଇଥିଲା।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ଏହି ସାହାବାମାନଙ୍କର ଚର୍ଚ୍ଚା କରିସାରିବା ପରେ ବର୍ତ୍ତମାନ ମୁଁ ଇଣ୍ଡୋନେସିଆରେ ଆମର ଜଣେ ଉତ୍ସର୍ଗୀକୃତ ସେବକ, ପ୍ରଚାରକଙ୍କ ଜୀବନୀର ଚର୍ଚ୍ଚା କରିବା ଆବଶ୍ୟକ ମନେକରୁଛି । ଯାହାଙ୍କର ଦେହାନ୍ତ ଚଳିତା ମାସ ୧୯ ନଭେମ୍ବରରେ ହୋଇଥିଲା । ଯାହାଙ୍କ ନାମ ସୁୟୁତି ଅଜ଼ିଜ଼୍ ସାହେବ୍ ଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** ମୃତକଙ୍କ ପରିଜନମାନଙ୍କ ମଧ୍ୟରେ ତାଙ୍କର ସ୍ତ୍ରୀ ଏବଂ ଦୁଇଟି ପୁତ୍ର ଏବଂ ଦୁଇ ପୁତ୍ରି ଏବଂ ୧୦ ଜଣ ନାତି ନାତୁଣୀ ଅଛନ୍ତି। ତନ୍ମଧ୍ୟରୁ ୬ ଜଣ ପିଲା ୱକ୍‌ଫେ ନୌ ଅନ୍ତର୍ଭୁକ୍ତ ଅଟନ୍ତି । ସେ ୧୭ ଅଗଷ୍ଟ ୧୯୪୪ ମସିହାରେ ବୋନେର ଦକ୍ଷିଣ ସୋଲାୱେସି ଠାରେ ଭୂମିଷ୍ଠ ହୋଇଥିଲେ (ଅର୍ଥାତ୍ ଜନ୍ମଗ୍ରହଣ କରିଥିଲେ) । ସେ ଯାମିୟା ଅହମଦିୟା ରବୱା ଠାରେ ୧୯୬୬ ମସିହା ସେପ୍ଟେମ୍ବର ମାସ ଠାରୁ ୧୯୭୧ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ କରିଥିଲେ । ତାଙ୍କର ମୁତୟନ ବା ନିଯୁକ୍ତି ୧୯୭୨ ମସିହା ଏପ୍ରିଲ୍ ମାସରେ ଜଣେ କେନ୍ଦ୍ରୀୟ ମୁବଲ୍ଲିଗ୍ ଭାବେ ହୋଇଥିଲା । ୨୦୦୦ ମସିହାରେ ସେ ହଜ୍ଜେ ବୈତୁଲ୍ଲାଃ କରିବାର ମଧ୍ୟ ସୌଭାଗ୍ୟ ଅର୍ଜନ କରିଥିଲେ । ୧୯୭୨ ମସିହା ଠାରୁ ୧୯୭୯ ମସିହା ପର୍ଯ୍ୟନ୍ତ ଦକ୍ଷିଣ ସୁମାତ୍ରା, ଲାମ୍ପୋଙ୍ଗ୍, ଜାମ୍ବି ଏବଂ ବେଙ୍କୋଲୋ ଠାରେ ଜଣେ ମୁବଲ୍ଲିଗ୍ ରୂପେ ସେ ଦାୟୀତ୍ୱ ତୁଲାଇ ଥିଲେ । ୧୯୭୯ ମସିହାରୁ ୧୯୮୧ ମସିହା ପର୍ଯ୍ୟନ୍ତ ମୁଅଲ୍ଲିମନମାନଙ୍କର ଶ୍ରେଣୀରେ ସେ ଜଣେ ଅଧ୍ୟାପକ ଭାବେ ଅଧ୍ୟାପନା କାର୍ଯ୍ୟଭାର ତୁଲାଇ ଥିଲେ । ୧୯୮୧ ମସିହାରେ ପୋର୍ବୋକେତୋ ଜମାଅତରେ ଜଣେ ମୁବଲ୍ଲିଗ୍ ଭାବରେ ସେ ବଦଳି ହୋଇଥିଲେ । ପୁନଶ୍ଚ ୧୯୮୨ ମସିହା ଠାରୁ ମୁଅଲ୍ଲିମିନ୍ ଏବଂ ମୁବଲ୍ଲିଗିନଙ୍କ ଶ୍ରେଣୀରେ ଜଣେ ନିର୍ଦ୍ଦେଶକ ବା ପରିଚାଳକ ପଦବୀରେ ସେ ମୁତୟନ ବା ନିଯୁକ୍ତ ହୋଇଥିଲେ

। ୧୯୮୨-୯୨ ମସିହା ପର୍ଯ୍ୟନ୍ତ ଜାମିୟା ଅହମଦିୟା ଇଣ୍ଡୋନେସିଆର ଜଣେ କୁଳପତିଭାବେ ସେ ଦାୟୀତ୍ୱ ନିର୍ବାହ କରିଥିଲେ । ୧୯୯୨-୨୦୧୬ ମସିହା ପର୍ଯ୍ୟନ୍ତ ସେ ରଇସୁତ୍ ତବଲିଗ୍ (ଅଧ୍ୟକ୍ଷ ତବଲିଗ୍) ଥିଲେ । ୨୦୧୬ ମସିହାରୁ ମୃତ୍ୟୁର ଶେଷ ସମୟ ପର୍ଯ୍ୟନ୍ତ ସେ ଜାମିୟା ଅହମଦିୟାର ଜଣେ କୁଳପତି ଭାବେ ଦାୟୀତ୍ୱ ତୁଲାଇଥିଲେ । ତାଙ୍କର ବଂଶରେ ଅହମଦିୟତର ମୂଳଦୂଆ ସଂପର୍କରେ ସେ ଏକ ସାକ୍ଷାତକାରରେ ଏହି ମତ ବ୍ୟକ୍ତ କରିଛନ୍ତି ଯେ, ମୋର ଏବଂ ମୋ ବଂଶରେ ବୈଅତର ସବୁଠୁ ବଡ଼ କାରଣଟି ହେଲା ଯେ, ମୋର ଜେଜେ ବାପା ଏହି ଇଚ୍ଛାପତ୍ରଟି କରିଥିଲେ ଯେ, "**କଳୟୁଗରେ ଇମାମ୍ ମେହଦୀ ବୋଲି ଜଣେ ମହାପୁରୁଷଙ୍କର ଆବର୍ଭାବ ହେବ ଏବଂ ଯେତେବେଳେ ତାଙ୍କର ଆଗମନ ହେବ ସେତେବେଳେ ତୁମାମାନେ ତାହାଙ୍କୁ ଆଦର ସହକାରେ ଗ୍ରହଣ ବା ବରଣ କର ନେବ ।**" ଏହି ଇଚ୍ଛାପତ୍ରଟିକୁ ପୂରଣ କରିବା ପାଇଁ ଆମ ବଂଶକୁ ଦୁଇଥର ପ୍ରବାସ କରିବାକୁ ପଡ଼ିଥିଲା । ଅର୍ଥାତ୍ ୧୯୫୯ ମସିହାରେ ଆମ ବଂଶ ଲାମ୍ପୋଙ୍ଗ୍ ଆଡ଼କୁ ପ୍ରବାସ କରିଥିଲା ଏବଂ ୧୯୬୩ ମସିହାରେ ମୌଲାନା ଜ଼ିନି ଧଲାନ୍ ସାହେବ୍ ନାମକ ଜଣେ ପ୍ରଚାରକ, ପ୍ରଚାର ନିମନ୍ତେ ଲାମ୍ପୋଙ୍ଗ୍ ଆସିଥିଲେ । ସେହି ପ୍ରଚାରକ କହିଲେ ଯେ, ଇମାମ୍ ମେହଦିଙ୍କର ଆବିର୍ଭାବ ହୋଇସାରିଛି । ସୁତରାଂ ୧୯୬୩ ମସିହା ଫେବୃୟାରୀ ମାସ ୧୩ ତାରିଖରେ ୧୯ ବର୍ଷ ବୟସରେ ମୁଁ ଏବଂ ମୋର ବଂଶର (ସପରିବାର) ୪୦ ଜଣ ବ୍ୟକ୍ତି ମୌଲାନା ଜ଼ିନି ଧଲାନ୍ ସାହେବଙ୍କ ମାଧ୍ୟମରେ ବୈଅତର୍ କରିଥିଲୁ ।

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ଯେ, ସୁୟୁତି ଅଜ଼ିଜ଼୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ରବଓ୍ୱାରେ ବାସ କରିବା ସମୟରେ ମୋତେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କର ଅନେକ ସାହାବମାନଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ହଜ଼ରତ୍ ଖଲିଫତୁଲ୍ ମସିହ୍ ହିଲ୍ ସାଲିସ୍ ର.ଅଙ୍କ ସହିତ ଏକ ଅପୂର୍ବ ଓ ମୋନବାଞ୍ଛିତ ତଥା ରୁଚିକର ସାକ୍ଷାତ୍ ସଂପର୍କରେ ଚର୍ଚ୍ଚା କରି ସେ ଏହା ଉଲ୍ଲେଖ କରନ୍ତି ଯେ, ଯେତେବେଳେ ହଜ଼ରତ୍ ଖଲିଫତୁଲ୍ ମସିହ୍ ହିଲ୍ ସାଲିସ୍ ର.ଅ ଖଲିଫା ଭାବେ ନିର୍ବାଚିତ ହୋଇଥିଲେ । ସେତେବେଳେ ଆମେମାନେ ପ୍ରଥମ ଥର ପାଇଁ ହୁଜୁର୍ ର.ଅଙ୍କ ସହିତ ସାକ୍ଷାତ୍ କରିଥିଲୁ । ହୁଜୁର୍ ର.ଅଙ୍କୁ ମୁଁ ଆଲିଙ୍ଗନ କଲି । ହୁଜୁର୍ ର.ଅ ମୋ ଗାଲ ଉପରେ ହାତ ଥାପୁଡ଼ାଇ କହିଲେ ଏ ଯୁବକ ଜଣକ ଇଣ୍ଡୋନେସିଆରୁ ଆସିଛନ୍ତି ଏବଂ ତୁମେମାନେ ସମସ୍ତେ ଅନତି ଦୂରରୁ ଏଠାକୁ ଆସିଛ । ତେଣୁ ତୁମେମାନେ ସମସ୍ତେ ମୋର ସନ୍ତାନ ଅଟ । ସେ ଉଲ୍ଲେଖ କରନ୍ତି ଯେ, ହଜ଼ରତ୍ ଖଲିଫତୁଲ୍ ମସିହ୍ ଉସ୍ ସାଲିସ୍ ର.ଅଙ୍କ ଆଧ୍ୟାତ୍ମିକତାର ଆଲୋକ ସର୍ବଦା ଆମ ସହିତ ଜଡ଼ିତ ଥିଲା । ଯେଉଁ କାରଣରୁ ଆମର ଯେତେସବୁ ଅସୁବିଧା ଓ ସମସ୍ୟାମାନ ଥିଲା ତାହା ଅତି ସହଜରେ ସମାଧାନ ହୋଇଥିଲା । ସେ ଉଲ୍ଲେଖ କରନ୍ତି ଯେ, ଯେତେବେଳେ ମୁଁ ଇଣ୍ଡୋନେସିଆରୁ ଫେରିବାକୁ ଲାଗିଲି, ଯିବା ପୂର୍ବରୁ ହୁଜୁର୍ ଅନଓ୍ୱର୍ ର.ଅଙ୍କୁ ସାକ୍ଷାତ୍ କରିବାକୁ ଗଲି । ସେତେବେଳେ ହୁଜୁର୍ ଅନଓ୍ୱର୍ ର.ଅ ମୋତେ ପଚାରିଲେ ଯେ, ଆପଣଙ୍କୁ କ'ଣ ଦରକାର ? ମୁଁ କହିଲି ଯେ, ମୋତେ କେତେକ ପୁସ୍ତକର ଆବଶ୍ୟକତା ରହିଛି । ହଜ଼ରତ୍ ଖଲିଫତୁଲ୍ ମସିହ୍ ଉସ୍ ସାଲିସ୍ ର.ଅ ନିଜ କଲମରେ ଏକ ଟିପ୍ପଣୀ ଲେଖିଲେ ଏବଂ ଏହି ଆଦେଶ ଦେଇ କହିଲେ ଯେ, ସୁୟୁତି ସାହେବଙ୍କୁ ପୁସ୍ତକ ଦେଇ ଦିଅନ୍ତୁ । ଏହାପରେ ସେ ଉଲ୍ଲେଖ କରନ୍ତି ଯେ, ମୋତେ ରୁହାନି ଖଜ଼ାଏନର ଏକ ସଂପୂର୍ଣ୍ଣ SET ପ୍ରଦାନ କରାଗଲା । ଯାହାକି ବର୍ତ୍ତମାନ ସୁଦ୍ଧା ମୋ ନିକଟରେ ରହିଛି ଏବଂ ଯିବା ପୂର୍ବରୁ ହୁଜୁର୍ ଅନଓ୍ୱର୍ ରେଅ ବହୁ ସମୟ ପର୍ଯ୍ୟନ୍ତ ମୋତେ ଆଲିଙ୍ଗନ କଲେ ଏବଂ ମୋ କର୍ଣ୍ଣରେ କହିଲେ ଯେ, ମୋର ତୁମକୁ ଏହି ଉପଦେଶ ଯେ, ନିଜର ମାଲିକଙ୍କ ପ୍ରତି କେବେ ବିଶ୍ୱାସଘାତକତା ଅର୍ଥାତ୍ କୃତଘ୍ନ ହୋଇବ ନାହିଁ ।

ଅବ୍ଦୁଲ୍ ବାସିତ୍ ସାହେବ୍ ଅମିର୍ ଜମାଅତ ଅହମଦିୟା ଇଣ୍ଡୋନେସିଆ ଉଲ୍ଲେଖ କରନ୍ତି ଯେ, ସୁୟୁତି ଅଜ଼ିଜ଼୍ ସାହେବ ଅତ୍ୟନ୍ତ ସରଳ, ନିଷ୍କପଟ ବ୍ୟକ୍ତି ଥିଲେ । ବିନମ୍ର, ବିନୀତ ଆଦର୍ଶର ସର୍ବୋଚ୍ଚ ଅଧିକାରୀ ତଥା ଉଦାହରଣ ଥିଲେ । ସେ ସର୍ବଦା ଧୌର୍ଯ୍ୟ ଓ ସାହାସର ପରିଚୟ ଦେଇଛନ୍ତି । ସେ ସର୍ବଦା ପ୍ରାର୍ଥନାରତ ବ୍ୟକ୍ତି ତଥା ତହଜ୍ଜୁଦ୍ ପ୍ରିୟ ଥିଲେ । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଅଗାଧ ଭରସା ଓ ବିଶ୍ୱାସ ଥିଲା । ଖିଲାଫତ୍ ଏବଂ ଜମାଅତ୍ ପ୍ରତି ତାଙ୍କର ବହୁତ ନିଷ୍ଠା ଏବଂ ପ୍ରେମ ରହିଥିଲା । ନିଜର ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ଜମାଅତି ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ବା ଅଗ୍ରାଧିକାର ଦେଉଥିଲେ ।

ସ୍ୱର୍ଗତ ସୁୟୁତି ସାହେବଙ୍କର ସୁପୁତ୍ରୀ ମରଦିୟା ସାହେବା ଉଲ୍ଲେଖ କରନ୍ତି ଯେ, ମୋ ପିତାଶ୍ରୀ ସୁୟୁତି ସାହେବ୍ ନିଜର ଜୀବନକୁ ସଂପୂର୍ଣ୍ଣ ରୂପେ ଧର୍ମ ତଥା ଇଶ୍ୱରଙ୍କ ପାଇଁ ଉତ୍ସର୍ଗ କରିଦେଇଥିଲେ । ନିଜର ଜୀବନକୁ ଜମାଅତି ସେବା ପାଇଁ ସମର୍ପିତ କରିଦେଇଥିଲେ । ମୋ ପିତାଶ୍ରୀ ଆମମାନଙ୍କ ସଂସ୍କାର ପାଇଁ ଏଭଳି ନୀତି ଅବଲମ୍ବନ କରୁଥିଲେ ଯେ, ସେ ଆମମାନଙ୍କୁ ବେଶୀ ଉପଦେଶ ଦେଉ ନଥିଲେ । ବରଂ ନିଜର ସତକର୍ମ, ବାସ୍ତବିକ ବ୍ୟାବହାରିକର ସର୍ବୋଚ୍ଚ ଏବଂ ଉତ୍କୃଷ୍ଟ ନମୁନା ପ୍ରଦର୍ଶନ କରୁଥିଲେ । ସେହିପରି ତାଙ୍କର ଆଉ ଜଣେ ସୁପୁତ୍ରୀ ଅତିୟତୁଲ୍ ଅଲିମ୍ ସାହେବା ଉଲ୍ଲେଖ କରନ୍ତି ଯେ, ମୋ ପିତାଶ୍ରୀ ସର୍ବଦା ସତ୍ୟ କହୁଥିଲେ ଏବଂ ନିଜର ସନ୍ତାନମାନଙ୍କୁ କେବେ ମିଥ୍ୟା ବଚନ କହୁ ନଥିଲେ । ନମାଜ଼େ ତହଜ୍ଜୁଦ୍ କେବେ ଛାଡୁ ନଥିଲେ । ସର୍ବଦା ମସଜିଦକୁ ଯାଇ ନମାଜ଼ ବାଜମାଅତ୍ ପଢୁଥିଲେ ।

ତାଙ୍କର ଦ୍ୱିତୀୟ ପତ୍ନୀ ବର୍ଣ୍ଣନା କରନ୍ତି ଯେ, ସେ ରବୱା ଯିବା ପୂର୍ବରୁ ସର୍ବପ୍ରଥମେ ନିଜର ସନ୍ତାନମାନଙ୍କୁ କହିଲେ ଯେ, ମୋର ଏହି ପରିବାର, ମୋର ଉତ୍ତରାଧିକାରୀ ଖିଲାଫତ୍ ଅଟେ ଏବଂ ମୋର ଜୀବନ ଓ ମୃତ୍ୟୁ କେବଳ ଜମାଅତ୍ ପାଇଁ ଉଦ୍ଦିଷ୍ଟ । ଅହମଦ୍ ନୁର୍ ସାହେବ୍ ମୁବଲ୍ଲିଗ୍ ସିଲସିଲା ବର୍ଣ୍ଣନା କରନ୍ତି ଯେ, ତାଙ୍କର ଗୋଟିଏ ଉପଦେଶ ମୋତେ ସର୍ବଦା ମନେଅଛି ଏବଂ ତାହା ହେଉଛି ଯେ, ଅଲ୍ଲାଃତାଲାଙ୍କ ଠାରୁ କେବେହେଲେ ବିମୁଖତା ପ୍ରଦର୍ଶନ କର ନାହିଁ । କାରଣ ଅଲ୍ଲାଃତାଲା କଦାପି କୌଣସି ଭକ୍ତର ପ୍ରାର୍ଥନାକୁ ଅସ୍ୱୀକାର କରନ୍ତି ନାହିଁ ।

ପୁନଶ୍ଚ ହାଶିମ୍ ସାହେବ୍ ମୁବଲ୍ଲିଗ ସିଲସିଲା ଉଲ୍ଲେଖ କରନ୍ତି ଯେ, ଏକଦା ମୋତେ ସେ ପ୍ରଶ୍ନ କଲେ ଯେ, ଜମାଅତ୍ ଅହମଦିୟାର ସତ୍ୟତାର ସର୍ବବୃହତ୍ ନିଦର୍ଶନ ବା ପ୍ରମାଣଟି କ'ଣ ? ହାଶିମ୍ ସାହେବ୍ ବର୍ଣ୍ଣନା କରନ୍ତି ଯେ, ଆମେମାନେ (ଅର୍ଥାତ୍ ଛାତ୍ରମାନେ) କୁରାନ୍ ଏବଂ ଆହଦିସ୍ ଅନୁଯାୟୀ ଏହାର ଉତ୍ତର ସ୍ୱର୍ଗତ ସୁୟୁତି ସାହେବଙ୍କୁ ଦେଲୁ । ସେ (ସ୍ୱର୍ଗତ) କହିଲେ ପ୍ରତ୍ୟେକ ଅହମଦି ନିଜକୁ ଜମାଅତ୍ ଅହମଦିୟାର ଏକ ନିଦର୍ଶନ ରୂପେ ମନେ କରିବା ଉଚିତ୍ । ଆପଣମାନେ ନିଜକୁ ଏଭଳି ସୁଦୃଢ ତଥା ଯୋଗ୍ୟ କରନ୍ତୁ ଯେପରି ପ୍ରତ୍ୟେକ ବ୍ୟକ୍ତି ଏହି ଜମାଅତର ସତ୍ୟତାର ଗୋଟିଏ ଗୋଟିଏ ନିଦର୍ଶନ ସଦୃଶ ମନେହେଉଥିବେ ।

ସେ ଧ୍ୟାନପୂର୍ବକ ଖୁତବା ଶୁଣୁଥିଲେ । ପୁନଶ୍ଚ ସେହି ଖୁତବାଗୁଡ଼ିକରୁ ଛାତ୍ରମାନଙ୍କୁ ପଏଣ୍ଟସଗୁଡ଼ିକ ସଂପର୍କରେ ଚର୍ଚ୍ଚା କରୁଥିଲେ ଏବଂ ଏହା ସୁନିଶ୍ଚିତ କରୁଥିଲେ ଯେ, ଛାତ୍ରମାନେ ସେହି ପଏଣ୍ଟଗୁଡ଼ିକୁ ଲେଖଛନ୍ତି ନା ନାହିଁ । ସେ ସର୍ବଦା ନିରୀକ୍ଷଣ କରୁଥିଲେ ଯେ, ଆମେମାନେ ଉପସ୍ଥିତ ଖଲିଫାଙ୍କର ବାର୍ତ୍ତାକୁ ସଠିକ୍ ରୂପେ ହୃଦୟଙ୍ଗମ କରିପାରିଛୁ, ନା ନାହିଁ । ସେ ସର୍ବଦା ଖିଲାଫତ୍ ପ୍ରତି ଆଜ୍ଞାନୁବର୍ତ୍ତୀତା ହେବା ସଂପର୍କରେ ଆମମାନଙ୍କୁ ସର୍ବଦା ଅନୁପ୍ରାଣିତ କରୁଥିଲେ ।

ଖୁତବାର ଶେଷ ପର୍ଯ୍ୟାୟରେ ହୁଜୁର୍ ଅନୱର୍ କହିଲେ : ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ସୁୟୁତି ସାହେବ୍ ମୁସି (ୱସିୟତକାରୀ) ଥିଲେ ତାଙ୍କର ପାର୍ଥିବ ଶରୀର ପାକିସ୍ତାନରୁ ନଭେମ୍ବର ମାସ ୨୩ ତାରିଖରେ ଇଣ୍ଡୋନେସିଆରେ ପହଞ୍ଚିଥିଲା ଏବଂ ୨୪ ନଭେମ୍ବରରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରି ତାଙ୍କୁ ମୁସିୟାନଙ୍କ କବରସ୍ଥାନରେ କବର ଦିଆଯାଇଥିଲା । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରନ୍ତୁ ଏବଂ ଜନ୍ନତୁଲ୍ ଫିରଦୌସରେ ଅର୍ଥାତ୍ ସ୍ୱର୍ଗପୁରର ସର୍ବୋଚ୍ଚ ସ୍ଥାନର ଅଧିକାରୀ କରନ୍ତୁ । ଆମିନ୍ । ସମସ୍ତ ପରିବାରବର୍ଗଙ୍କୁ ଉତ୍କୃଷ୍ଟ ଧୌର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କର ଆଗାମୀ ବଂଶଧରମାନଙ୍କୁ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । (ଆମିନ୍)

.......................................

**KHULASA KHUTBA JUMA HUZOOR ANWAR a.b.a**

**30th NOV 2018**

..................